# ତହସିଲ କାର୍ଯ୍ୟାଳୟ, ଦାରିଙ୍ଗବାଡି

## ଲଘୁ ଖଣିଜ ଖାଦାନ ଲିଜ ଇସ୍ତାହାର

ବିଜ୍ଞାପନ ସଂଖ୍ୟା 676 / ତା 8.3.2022

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଦାରିଙ୍ଗବାଡି ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ୧ଗୋଟି ଲଘୁ ଖଣିଜ ଖାଦାନ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ( ୨୦୨୨-୨୦୨୩ଆର୍ଥିକ ବର୍ଷ ଠାରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ) ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ The Odisha Minor Mineral Concession Rules, 2016 ର ନିର୍ଦ୍ଧାରିତ Form-J ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ସମସ୍ତ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପା ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଥିବା DROP BOX ରେ ତା ୦୭.୦୪.୨୦୨୨ ରିଖ ଅପରାହ୍ନ ୩.୦୦ ଟା ସୁଦ୍ଧା ପକାଇବେ ଏବଂ ଉକ୍ତ ଦିନ ୩.୩୦ ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ପ୍ରଥମ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇନପାରିବ, ସେହି ଉତ୍ସ ପାଇଁ ଦ୍ୱିତୀୟ ତାରିଖ ତା ୨୨.୦୪.୨୦୨୨ଏବଂ ତୃତୀୟ ତାରିଖ ତା ୦୮.୦୫.୨୦୨୨ ଅପରାହ୍ନ ୩.୦୦ ଟା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖ ମାନଙ୍କର ଅପରାହ୍ନ ୩.୩୦ ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ । ସର୍ବୋଚ ଲିଜ ଦରଖାସ୍ତକାରୀଙ୍କୁ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସଇରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନହିଁ । ସଇରାତ ଉତ୍ସ ର ସମ୍ପୂର୍ଣ ବିବରଣୀ ଏବଂ ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା WEBSITE ତଥା www.kandhamal.nic.in ରେ ଉପଲବ୍ଧ ହୋଇପାରିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ ।

### ଦାଖଲ କରିବାକୁ ଥିବା ଦଲିଲ / କାଗଜାତ

୧. ଦରଖାସ୍ତ ଫି ସକାଶେ ଟ ୧୦୦୦/- ( ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ।

୨. ଧାର୍ଯ୍ୟ ରୟାଲିଟି ର 5% EMD ଡିମାଣ୍ଡଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡିବ ।

୩. କୌଣସି ମାଇନିଙ୍ଗ ଦେୟ ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନକାରୀଙ୍କର ବ୍ୟାଙ୍କ ଗ୍ୟାରେଣ୍ଟୀ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ।

୫. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

୬. Vat Clearance ସାର୍ଟିଫିକେଟର ନକଲ ।

### ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ସାଇରାତ ଉତ୍ସ ର ନାମ | ଲଘୁ ଖଣିଜର ନାମ | ସଇରାତ ଉତ୍ସର ଅବସ୍ଥିତି ର ସବିଶେଷ ବିବରଣୀ | | | | | ସର୍ବନିମ୍ନ ରୟାଲଟି |
|---|---|---|---|---|---|---|---|---|
| | | | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା (ହେକ୍ଟର) | |
| ୧ | କୁମ୍ଭାରମୁଣ୍ଡା ପଥର ଖାଦାନ (ରୋଡ ମେଟାଲ) | ପଥର (ରୋଡ ମେଟାଲ) | କୁମ୍ଭାରମୁଣ୍ଡା | ୫୫ | ୯୦ | ପଥରବଣି | ୩.୭୨୦ | ଟ ୧୩୦/-ରୟାଲିଟି + ୭.୦୦ ( ୫% ଅତିରିକ୍ତ ଦେୟ)ମୋଟ ଟ ୧୩୭/- ପ୍ରତି କ୍ୟୁବିକ ମିଟର |

8.3.22

ତହସିଲଦାର, ଦାରିଙ୍ଗବାଡି

## ସର୍ତ୍ତାବଳୀ

୧. ଆବେଦନକାରୀ "The Odisha Minor Mineral Concession Rules, 2016"ର ପରିସରଭୁକ୍ତ ରହିବେ ।

୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶଗ୍ରହଣ କରିବେ ।

୩. ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯୟ ପାଇଁ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚ ରେ ମାଇନିଙ୍ଗ ପ୍ଲାନ ତିଆରି କରିବେ ।

୬. ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ approved ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ କରିବେ, ନଚେତ ଅମାନତ ରାଶି ବ୍ୟାଜାପ୍ତ କରାଯିବ ।

୭. ମାଇନିଙ୍ଗ ପ୍ଲାନ ରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟିର ଦର କୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ, ଉକ୍ତ ରାଶି କୁ Environment Clearance ଆଣି ସାରିଲା ପରେ ପଇଠ କରିବେ, ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ Registration Act, 1908 ଓ Stamp Act, 1999 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସମ୍ପାଦନ କରିବେ ।

୮. ଧାର୍ଯ୍ୟ ରୟାଲିଟି ର 5% EMD ଡିମାଣ୍ଡଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡିବ ।

୯.. ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ **Display Board** ଲଗାଇବେ, ଯେଉଁଥିରେ ସଇରାତ ଉତ୍ସର ସବିଶେଷ ବିବରଣୀ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରିବେ ।

୧୦. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.kandhamal.nic.in ରେ ମଧ୍ୟ ଦେଖି ପାରିବେ ।

୧୧. ଜମା ରୟାଲଟି ର 2% ଲିଜ ଧାରୀ TCS (ଆୟକର) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୨. ସରକାରୀ ଧାର୍ଯ୍ୟ ରୟାଲଟି ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ ।

୧୩. ଯଦି ଏହି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର, ଦାରିଙ୍ଗବାଡି

ଜ୍ଞାପକ ସଂ. 677 / ତା 8.3.2022

ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ/ ଉପଜିଲ୍ଲାପାଳ, ବାଲିଗୁଡା/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାରିଙ୍ଗବାଡି ପଞ୍ଚାୟତ ସମିତି / ସରପଞ୍ଚ, ଦାରିଙ୍ଗବାଡି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତ/ IIC, ଦାରିଙ୍ଗବାଡି ଥାନା/ IIC, ବାମୁଣିଗାଁ ଥାନା/ ବୁଡାଗୁଡା ପୋଲିସ ଫାଣ୍ଡି/ ରାଜସ୍ୱ ନିରୀକ୍ଷକ, ଦାରିଙ୍ଗବାଡି/ ଦାସିଙ୍ଗବାଡି/ ଗ୍ରୀନବାଡି/ ସିମନବାଡି/ ବୁଡାଗୁଡା/ ବାମୁଣିଗାଁ/ ଗଦାପୁର/ କାଟିଙ୍ଗିଆ ଙ୍କ ଅବଗତି ଏବଂ ତାଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଦାରିଙ୍ଗବାଡି ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବା ପାଇଁ ପ୍ରେରଣ କରାଗଲା ।

8.3.22

ତହସିଲଦାର, ଦାରିଙ୍ଗବାଡି

ଜ୍ଞାପକ ସଂ. 678 / ତା 8.3.2022

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ,କନ୍ଧମାଳ/ DIO NIC, କନ୍ଧମାଳ, ଫୁଲବାଣୀ ଙ୍କ ନିକଟକୁ କନ୍ଧମାଳ ଜିଲ୍ଲା ୱେବସାଇଟ ( Kandhamal District Website ) ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ Upload କରିବା ନିମନ୍ତେ ପ୍ରେରଣ କରାଗଲା ।

8.3.22

ତହସିଲଦାର, ଦାରିଙ୍ଗବାଡି

# ତହସିଲ କାର୍ଯ୍ୟାଳୟ, ଦାରିଙ୍ଗବାଡି

## ଲଘୁ ଖଣିଜ ଖାଦାନ ଲିଜ ଇସ୍ତାହାର

ବିଜ୍ଞାପନ ସଂଖ୍ୟା 675 / ତା 08/03/2022

ଏତଦ୍ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଦାରିଙ୍ଗବାଡି ତହସିଲ ଅନ୍ତର୍ଗତ କୁମ୍ଭାରମୁଣ୍ଡା ପଥର ଖାଦାନ (ଲଘୁ ଖଣିଜ ଖାଦାନ) ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ( ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୨୦୨୬-୨୭ଆର୍ଥିକ ବର୍ଷ ପର୍ଯ୍ୟନ୍ତ ) ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules, 2016 ର ନିର୍ଦ୍ଧାରିତ Form-J ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ସମସ୍ତ କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପା ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ଥିବା DROP BOX ରେ ତା ୦୭.୦୪.୨୦୨୧ ତାରିଖ ଅପରାହ୍ନ ୩.୦୦ ଟା ସୁଦ୍ଧା ପକାଇବେ ଏବଂ ଉକ୍ତ ଦିନ ୩.୩୦ ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉସ୍ତ ପ୍ରଥମ ତାରିଖରେ ଲିଜ ପାଇଁ ଚୂଡାନ୍ତ ହୋଇନପାରିବ, ସେହି ଉସ୍ତ ପାଇଁ ଦ୍ୱିତୀୟ ତାରିଖ ତା ୨୨.୦୪.୨୦୨୨ଏବଂ ତୃତୀୟ ତାରିଖ ତା.୦୮.୦୫.୨୦୨୨ ଅପରାହ୍ନ ୩.୦୦ ଟା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖ ମାନଙ୍କର ଅପରାହ୍ନ ୩.୩୦ ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ । ସଇରାତ ଉସ୍ତ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା WEB SITE ତଥା www.kandhamal.nic.in ରେ ଉପଲବ୍ଧ ହୋଇପାରିବ ।

8.3.22

ତହସିଲଦାର, ଦାରିଙ୍ଗବାଡି